بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୬ ସେପ୍ଟେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
# ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ଖନ୍ଦକ୍ ଯୁଦ୍ଧ ପରିପ୍ରେକ୍ଷୀରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର (ସଂକ୍ଷିପ୍ତ) ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଅଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମୁଁ ଖନ୍ଦକ୍ ଯୁଦ୍ଧ ଅଥବା ଯାହାକୁ ଏହ୍‌ଯାବ୍ ଯୁଦ୍ଧ ମଧ୍ୟ କୁହନ୍ତି, ତାହାର ଚର୍ଚ୍ଚା କରିବି । ଯାହାକି ୫ ହିଜ୍‌ରୀ ଅର୍ଥାତ ୬୨୭ ମସିହା ଫେବୃଆରୀ, ମାର୍ଚ୍ଚ ମାସରେ ସଙ୍ଘଟିତ ହୋଇଥିଲା । ତତ୍‌ପଶ୍ଚାତ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସୁରେ ଅହ୍‌ଯାବ୍‌ର ଆୟତ୍ ସଂଖ୍ୟା ୧୦ ରୁ ୨୬ପର୍ଯ୍ୟନ୍ତ ଆବୃତ୍ତି କଲେ ଏବଂ ତାହାର ଅନୁବାଦ ଉପସ୍ଥାପନ କଲେ । ସେଥିଅନ୍ତେ ହୁଜୁର[ଅ.ବ] ଉକ୍ତ ଯୁଦ୍ଧର ଏପରି ନାମକରଣର କାରଣ ଓ ପ୍ରାସଙ୍ଗିକତା ବର୍ଣ୍ଣନା କରି କହିଲେ; ଏହାକୁ ଖନ୍ଦକ୍ ଯୁଦ୍ଧ ଏଥିସକାଶେ କୁହାଯାଏ କାରଣ ଉକ୍ତ ଯୁଦ୍ଧରେ ଆରବର ଚିରାଚରିତ (ପ୍ରାଚୀନ) ପ୍ରଥା ବିପରୀତ ମୁସଲମାନମାନେ ପ୍ରଥମ ଥର ଗର୍ତ୍ତ ଖନନ କରି (ମଦିନା) ସହରର ସୁରକ୍ଷା କରିଥିଲେ । ଏହିପରି ଏହାକୁ ଏହ୍‌ଯାବ୍ ଯୁଦ୍ଧ ମଧ୍ୟ କୁହନ୍ତି ଏବଂ ପବିତ୍ର କୁରଆନ ଏହାକୁ ଏହି ନାମରେ ଅଭିହିତ କରିଛି ।

ଶବ୍ଦ ଏହ୍‌ଯାବ୍ ଅସଲରେ ହିଯବ୍‌ର ବହୁବଚନ । ଯାହାର ଅର୍ଥ ଦଳ ବା ଗୋଷ୍ଠୀକୁ କୁହାଯାଏ । ଯେହେତୁ ଉକ୍ତ ଯୁଦ୍ଧରେ ଆରବର ବିଭିନ୍ନ ଦଳ ଓ ଜାତି ଏକତ୍ରିତ ହୋଇ ମୁସଲମାନମାନଙ୍କ ଉପରେ ଚଢ଼ାଉ କରିଥିଲେ । ତେଣୁ ଏହାକୁ ଅହ୍‌ଯାବ୍ ଯୁଦ୍ଧ କୁହାଯାଏ ।

ଉକ୍ତ ଯୁଦ୍ଧ ସଙ୍ଗଠିତ ହେବାର କାରଣ ଏହା ଥିଲା ଯେ, ରବିଉଲ୍ ଅଓ୍ୱଲ୍ ମାସ ୪ହିଜ୍‌ରୀରେ ୟହୁଦି କବିଲା ବନୁ ନଜୀର୍ ନିଜ ପ୍ରତିଜ୍ଞା ଭଙ୍ଗ, ବିଦ୍ରୋହ, ଉପଦ୍ରବ ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କୁ ହତ୍ୟା କରିବା ପରି ଜଘନ୍ୟ ଷଡ଼ଯନ୍ତ୍ର କରିବା ଅପରାଧରେ ମଦିନାରୁ ବହିଷ୍କୃତ ହୋଇଥିଲେ । ମଦିନାରୁ ଯାଇ ସେମାନେ ଖୈବର୍ ଅଞ୍ଚଳରେ ବସତି ସ୍ଥାପନ କରିଥିଲେ । ଉକ୍ତ ଘଟଣାକୁ ମାତ୍ର ୪ମାସ ଅତିବାହିତ ହୋଇଥିବ ଯେ, ବିଶ୍ୱାସଘାତକତା ଓ ଗୁପ୍ତ ଷଡ଼ଯନ୍ତ୍ର କରି ସେମାନେ ହୁଜୁର[ସ.ଅ] ଓ ମୁସଲମାନମାନଙ୍କ ବିରୁଦ୍ଧରେ ଅତ୍ୟନ୍ତ ଭୟଙ୍କର ଯୋଜନା (ପ୍ରସ୍ତୁତ) କରିଥିଲେ । ଅତଏବ ସେମାନଙ୍କ ସରଦାର ହୁୟି ବିନ୍ ଅଖ୍‌ତବ୍ ନିଜ ଅନ୍ତରଙ୍ଗ ବନ୍ଧୁମାନଙ୍କ ସହିତ ମକ୍କା ଅଭିମୁଖେ ଯାତ୍ରା କରିଥିଲା ଏବଂ ସେଠାରେ ଅବୁ ସୁଫିୟାନ୍ ଓ କୁରୈଶ୍‌ର ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିମାନଙ୍କ ସହିତ ସାକ୍ଷାତ କଲା ତଥା ମୁସଲମାନମାନଙ୍କ ବିରୁଦ୍ଧରେ ସେମାନଙ୍କ ଠାରୁ ସାହାଯ୍ୟ ଲୋଡ଼ିଲା । ଏବଂ ତାଙ୍କୁ ଏହି ପ୍ରସ୍ତାବ ଦେଲା କି ଆମ ସମସ୍ତଙ୍କୁ ଆବଶ୍ୟକ ଯେ, ଆମେ ସମସ୍ତେ ମିଳିତ ଭାବରେ ମୁସଲମାନମାନଙ୍କ ବିରୁଦ୍ଧରେ ଏକ ସଙ୍କଳ୍ପ କରିବା । ଅବୁ ସୁଫିୟାନ୍ ୟହୁଦି ସରଦାରମାନଙ୍କ ଏହି ପ୍ରସ୍ତାବକୁ ସ୍ୱାଗତ ଜଣାଇଲା ଏବଂ କହିଲା; ତୁମେମାନେ ନିଜ ଗୃହକୁ ଆସିଛ ଏବଂ ସମସ୍ତ ଲୋକମାନଙ୍କ ମଧ୍ୟରୁ ତୁମେମାନେ ଆମକୁ ଅତିପ୍ରିୟ ଯେ, ମୁହମ୍ମଦ [ସ.ଅ]ଙ୍କ ବିରୁଦ୍ଧରେ ଆମର ସାହାଯ୍ୟ କରିବ ।

କୁରୈଶ୍ ସହିତ ପାରସ୍ପରିକ ସମ୍ମତି ପରେ ୟହୁଦିମାନଙ୍କ ଏହି ଦଳଟି ଅନ୍ୟ କବିଲାମାନଙ୍କ ନିକଟକୁ ଯାଇଥିଲା ଏବଂ ସର୍ବପ୍ରଥମେ ସେମାନେ ବନୁ ଗତଫାନ୍ (କବିଲା) ପାଖରେ ପହଞ୍ଚିଲେ । ଏହି କବିଲା ମଧ୍ୟ ମୁସଲମାନମାନଙ୍କ ସହିତ ଭୀଷଣ ଶତ୍ରୁତା ରଖୁଥିଲା । ୟହୁଦିମାନେ ତାଙ୍କୁ ନିଜ କଥାରେ ରାଜି କରିବା ନିମନ୍ତେ ଅନ୍ୟ ପ୍ରସଙ୍ଗ ବ୍ୟତୀତ ଖୈବର୍‌ରୁ ଅମଳ ହେଉଥିବା ଏକ ବର୍ଷର ଖଜୁରୀ କୋଳି ଦେବାର ପ୍ରତିଶୃତି ଦେଲେ ।

ବନୁ ଗତଫାନ୍ ସେମାନଙ୍କ ସାହାଯ୍ୟ କରିବାର ନିଷ୍ପତ୍ତି କଲା ଏବଂ ନିଜ ପକ୍ଷରୁ ୬ହଜାର ସୈନ୍ୟସାମନ୍ତ ପ୍ରେରଣ କରିବାର ଜମାନତ୍ ଦେଲା । ସେଥିଅନ୍ତେ ୟହୁଦିମାନଙ୍କ ଉକ୍ତ ଦଳଟି ବନୁ ସୁଲୈମ୍ ନିକଟରେ ପହଞ୍ଚିଲା । ଯେ ପୂର୍ବରୁ ହିଁ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାର ମନସ୍ଥ କରିଥିଲା । କିନ୍ତୁ ସେଥିରେ ସେ ଅସଫଳ ରହିଥିଲା ଯେତେବେଳେ ତାହାକୁ ଏତେ ବଡ଼ ଧରଣର ଆକ୍ରମଣ ସଂକ୍ରାନ୍ତରେ ଜ୍ଞାତ ହେଲା, ସେମାନେ ଅତି ଆନନ୍ଦର ସହ ରାଜି ହୋଇଗଲେ । ଏହିପରି ବନୁ ଫୁଜାରାଃ ନିଜ ସରଦାର ଅଇୟନାର ଅଧିକ୍ଷତାରେ ହୁଜୁର [ସ.ଅ]ଙ୍କ ସହିତ ଯୁଦ୍ଧ କରବାକୁ ଆଗେଇ ଆସିଲା । ଅଇୟନା ଏଥିନିମନ୍ତେ ନିଜ ମିତ୍ର କବିଲା ବନୁ ଅସଦ୍‌କୁ ନିମନ୍ତ୍ରଣ ଦେଲା, ଏପରି ସେମାନେ ମଧ୍ୟ ମୁସଲମାନମାନଙ୍କ ବିପକ୍ଷରେ ଉକ୍ତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଗଲେ । ଏହିପରି ଆଉ କେତେକ କବିଲାମାନେ ମଧ୍ୟ ୟହୁଦିମାନଙ୍କ ଏହି ଏକଜୁଟ ହେବାରେ ଭାଗ ନେଇଥିଲେ । **ଏହି ସମସ୍ତ ଦଳ ସମୂହ ନିଜ ବିରତା, ରଣ କୌଶଳ ଓ ଯୁଦ୍ଧ ପ୍ରବିଣତାରେ ସମଗ୍ର ଆରବରେ ସୁପ୍ରସିଦ୍ଧ ଥିଲେ ।**

ହଜରତ ମିର୍ଜା ବଶିର୍ ଅହେମଦ ସାହେବ କୁହନ୍ତି; ଯେହେତୁ ୟହୁଦିମାନେ ଅତି ଚତୁର ଓ ବିଚକ୍ଷଣ ବୁଦ୍ଧିଜ୍ଞାନର ଅଧିକାରୀ ଥିଲେ । ତେଣୁ ଏପରି ଷଡ଼ଯନ୍ତ୍ର କରିବାରେ ସେମାନେ ଧୁରନ୍ଧର ଥିଲେ । ସେମାନଙ୍କ ବିଶୃଙ୍ଖଳା ପୂର୍ଣ୍ଣ ପ୍ରୟାସ ସଫଳ ହେଲା ଏବଂ ଆରବର କବିଲା ସମୂହ ଏକତ୍ରିତ ହୋଇ ମୁସଲମାନମାନଙ୍କ ବିପକ୍ଷରେ (ସତକୁ ସତ) ରଣକ୍ଷେତ୍ର ଅଭିମୁଖେ ବାହାରି ପଡ଼ିଲେ । ହଜରତ ମୁସଲେହ ମଉଦ[ର.ଅ] ଏହି ପରିପ୍ରେକ୍ଷୀରେ କୁହନ୍ତି; **ଖୈବର୍ ଆରବର ଏକ ବହୁତ ବଡ଼ କେନ୍ଦ୍ର ଓ ଦୁର୍ଗସ୍ଥଳୀ (ସହର) ଥିଲା ।** ସେଠାରେ ପହଞ୍ଚି ବନୁ ନଜିର୍ ଦଳ ମୁସଲମାନମାନଙ୍କ ବିରୋଧରେ ଆରବୀମାନଙ୍କୁ (ଭାଷଣ ଦ୍ୱାରା) ଉତ୍ତେଜିତ କରିବା ଆରମ୍ଭ କଲା ।

ଏକଦୀର୍ଘ କାଳୀନ (ଯୁଦ୍ଧ) ପ୍ରସ୍ତୁତି ପରେ ଆରବର ସମସ୍ତ ପ୍ରଭାବଶାଳୀ କବିଲା ସମୂହ ଏକ ସାଧାରଣ ଏକତା (ମୋର୍ଚ୍ଚା)ର ଭିତ୍ତିସ୍ଥାପନ କଲେ । ଏହି ଏକତାରେ ମକ୍କା ଓ ତାହାର ଆଖପାଖର କବିଲା ସମୂହ ସାମିଲ ଥିଲେ ଏବଂ ନଜଦ୍ ଓ ମଦିନାର ଉତ୍ତର ପ୍ରାନ୍ତରେ ବସବାସ କରୁଥିବା କବିଲା ଏବଂ ୟହୁଦିମାନେ ମଧ୍ୟ ସାମିଲ ରହିଥିଲେ । ସେ ସମସ୍ତ କବିଲା ସମୂହ ମିଳିତ ଭାବରେ ମଦିନା ଉପରେ ଚଢ଼ଉ କରିବା ପାଇଁ ଏକ ବଳିଷ୍ଠ ଯୋଜନା ପ୍ରସ୍ତୁତ କରିଥିଲେ ।

ମକ୍କାରୁ କୁରେଶ ୪ହଜାର ସୈନ୍ୟସାମନ୍ତ ସାଥିରେ ନେଇ ବାହାରିଲେ, ଯାହାର ନେତୃତ୍ୱ ଅବୁ ସୁଫିୟାନ୍ କରୁଥିଲା । ଆରୋହଣକାରୀଙ୍କ ଅଧିନାୟକ ଖାଲିଦ୍ ବିନ୍ ଓଲିଦ୍ ହାତ ମୁଠାରେ ରହିଥିଲା । ବନୁ ସୁଲୈମ୍‌ର ୭୦୦ଜଣ ସୈନିକ ଆସି କୁରେଶ ସହିତ ମିଳିତ ହେଲେ ଏବଂ ସେମାନଙ୍କ ଅଧିକ୍ଷତା ସୁଫିୟାନ୍ ବିନ୍ ଅବ୍‌ଦେ ଶମସ୍ କରୁଥିଲା । ବନୁ ଅସଦ୍‌ର ନେତୃତ୍ୱ ତଲ୍‌ହା ବିନ୍ ଖୁଏଲଦ୍ କରୁଥିଲା । ବନୁ ଫୁଜାରାଃର ଏକ ହଜାର ସୈନିକ ଅଇୟନାର ଅଧିକ୍ଷତାରେ ବାହାରିଲେ । ବନୁ ଅଶ୍‌ଜାଃ ଓ ବନୁ ମୁର୍‌ରାଃରୁ ଚାରି ଚାରି ଶହ ସୈନିକ ବାହାରିଥିଲେ । ବନୁ ଗତଫାନ୍ କବିଲାରୁ ୬ହଜାର୍ ସୈନିକ ଆସିବାର ପ୍ରତିଶୃତି ଥିଲା ଏବଂ

ୟହୁଦିମାନଙ୍କ ତରଫରୁ ଦୁଇ ହଜାର ସୁରକ୍ଷା ବାହିନୀ ସଂରକ୍ଷିତ (ଗଚ୍ଛିତ) ରହିଥିଲା । ଏପରି ଏ ସମସ୍ତ କବିଲାର ସାମୂହିକ ସଂଖ୍ୟା ପାଖାପାଖି ୧୦ ହଜାର ଏବଂ ଆଉ କେତେକ ବର୍ଣ୍ଣନାନୁଯାୟୀ ୨୪ ହଜାର ଥିବାର ଉଲ୍ଲେଖ ରହିଛି । ଏସମସ୍ତଙ୍କର ଅଧକ୍ଷତା ଅବୁ ସୁଫିୟାନ୍ ବିନ୍ ହରବ୍ କରୁଥିଲା । ଏହା ସେପର୍ଯ୍ୟନ୍ତ ସୁଦ୍ଧା ଆରବରେ ଘଟିଥିବା ଯୁଦ୍ଧ ଇତିହାସରେ ସର୍ବବୃହତ ସୈନାଶଯ୍ୟା ଥିଲା ।

ହଜରତ ମିର୍ଜା ବଶିର୍ ଅହେମଦ ସାହେବ କୁହନ୍ତି; ଯଦି ଉକ୍ତ ସୈନ୍ୟଦଳ ୧୦ ହଜାର ଭିତରେ ଥିବାକୁ ସଠିକ୍ ବୋଲି ମଣାଯାଏ ତଥାପି ମଧ୍ୟ ସେହି ଯୁଗାନୁଯାୟୀ ଏହି ସଂଖ୍ୟା ଏତେ ଅଧିକ ଥିଲା ଯେ, ସମ୍ଭବତଃ ତାହା ପୂର୍ବରୁ ଆରବର ଗୋଷ୍ଠୀ ସଂଘର୍ଷରେ କେବେ କଦାପି ଏପରି ବହୁଳ ମାତ୍ରାରେ କୌଣସି ଯୁଦ୍ଧରେ ସେନା ବାହିନୀ ସାମିଲ ହୋଇ ନଥିଲେ । ଖାଦ୍ୟ ସାମଗ୍ରୀ ଓ ଯୁଦ୍ଧ ସରଞ୍ଜାମ ମଧ୍ୟ ଶତ୍ରୁ ନିକଟରେ ଯଥେଷ୍ଟ ଓ ପର୍ଯ୍ୟାପ୍ତ ମାତ୍ରାରେ ରହିଥିଲା । ଉକ୍ତ ସୈନ୍ୟ ଦଳଟି ସୱାଲ୍ ମାସ ୫ହିଜରୀ ଅର୍ଥାତ ୬୨୭ ମସିହା ଫେବୃଆରୀ, ମାର୍ଚ୍ଚ ମାସରେ ମଦିନା ଆଡ଼କୁ ଅଗ୍ରସର ହୋଇଥିଲା ।

ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ବିଭିନ୍ନ ଇତିହାସବିତ୍ ଏହି ଯୁଦ୍ଧ ସଂକ୍ରାନ୍ତରେ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି ଅର୍ଥାତ କିଏ ଉକ୍ତ ସୈନ୍ୟଦଳର ସଂଖ୍ୟା ୧୦ହଜାର ତ କିଏ ୨୪ହଜାର ଥିବାର ଆକଳନ କରିଛନ୍ତି । କିନ୍ତୁ ବୋଧ ହେଉଛି ୨୪ହଜାର ବର୍ଣ୍ଣନାଟି ଅଧିକ ଠିକ୍ । କିଛି ନୁହେଁ ତ ଉକ୍ତ ସୈନ୍ୟଦଳର ସଂଖ୍ୟା ୧୮ରୁ ୨୦ହଜାର ନିଶ୍ଚିତ ହୋଇଥିବ । ମଦିନା ଏକ ନିରାଟ ମଫସଲି ଅଞ୍ଚଳ ଥିଲା, ଉକ୍ତ ମଫସଲ ବିରୋଧରେ ସମଗ୍ର ଆରବର ଚଢ଼ାଇ କରିବା ଏକ ସାମାନ୍ୟ କଥା ଆଦୌଁ ନଥିଲା । ମଦିନାର ଜନସଂଖ୍ୟା ଯେଉଁଥିରେ ଆବାଳ ବୃଦ୍ଧବନିତା ସାମିଲ କରିଦେଲେ କେବଳ ୩ହଜାର ହୋଇପାରିବ । ସେମାନଙ୍କ ବିପକ୍ଷରେ ଶତ୍ରୁ ପକ୍ଷର ସେନା ୨୦ରୁ ୨୪ହଜାର ପାଖାପାଖି ରହିଥିଲା ଏବଂ ସେମାନେ ସଭିଏଁ ବୀର ଯୋଦ୍ଧା ଥିଲେ ।

ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଯେତେବେଳେ ଅମାନ୍ୟକାରୀଙ୍କ ଯୁଦ୍ଧ ପ୍ରସ୍ତୁତିର ଖବର ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କୁ ପ୍ରାପ୍ତ ହେଲା ସେତେବେଳେ ଆପଣ ନିଷ୍ପତ୍ତି ନେଲେ କି (ମଦିନା ଚର୍ତୁପାର୍ଶ୍ୱରେ) ଗର୍ତ୍ତ ଖନନ କରାଯାଉ । ଏହାର ବ୍ୟାଖ୍ୟାରେ ଉଲ୍ଲେଖ ରହିଛି, ହୁଜୁର [ସ.ଅ]ଙ୍କର ଗୁପ୍ତଚର ମଧ୍ୟ ଏସମସ୍ତ ସୂଚନା ଆଣିବାରୁ ନିବୃତ୍ତ ରହି ନଥିଲେ । ଚର୍ତୁପାର୍ଶ୍ୱରୁ ହୁଜୁର [ସ.ଅ]ଙ୍କୁ ସେଥି ସଂକ୍ରାନ୍ତରେ ସମାଚାର ମିଳୁଥିଲା ।

କୁରୈଶ ଓ ୟହୁଦିଙ୍କର ଏହି ଭୟଙ୍କର ଷଡ଼ଯନ୍ତ୍ରର ମଦିନାରେ ପହଞ୍ଚିବା ପରେ ହୁଜୁର[ସ.ଅ] ସାହାବାମାନଙ୍କୁ ଏକତ୍ରିତ କଲେ ଏବଂ ସେମାନଙ୍କୁ ଶତୃର କୁଟନୀତି ଓ ଚକ୍ରାନ୍ତ ସମ୍ପର୍କରେ ଅବଗତ କଲେ ତଥା ସେମାନଙ୍କ ସହିତ ପରାମର୍ଶ କଲେ କି ଆମେ ମଦିନା ବାହାରକୁ ଯାଇ ଶତୃର ମୁକାବିଲା କରିବା ଅଥବା ମଦିନାରେ ରହି ଏଭଳି ବିଶାଳ ସେନାର ପ୍ରତିରୋଧ କରିବା । ବର୍ଣ୍ଣନାନୁଯାୟୀ ହଜରତ ସଲମାନ୍[ର.ଅ] ଏହି ପ୍ରସ୍ତାବ ଦେଇଥିଲେ ଯେ, ପାରସ୍ୟରେ ଲୋକମାନେ ଯେତେବେଳେ ଘୋଡ଼ାମାନଙ୍କ ପ୍ରତିରୋଧ ନକରି ପାରନ୍ତି ସେତେବେଳେ ଭୂପୃଷ୍ଠରେ ଗର୍ତ୍ତ ଖୋଳି ଦେଉଥିଲେ । ଏହି ରାଏ ସମସ୍ତଙ୍କୁ ପସନ୍ଦ ଆସିଲା ହଜରତ ମୁହମ୍ମଦ[ସ.ଅ] ମଦିନାରେ ରହି ଶତୃର ପ୍ରତିରୋଧ କରିବା ଓ (ମଦିନା ଚର୍ତୁପାର୍ଶ୍ୱରେ) ଗର୍ତ୍ତ ଖନନ କରିବାର ଆଦେଶ ଦେଲେ । ଜୀବନୀର କେତେକ ପୁସ୍ତକରେ ଏହି ଗର୍ତ୍ତ ଖନନ କରିବାର ନିଷ୍ପତ୍ତି ହଜରତ ସଲମାନ୍ [ର.ଅ]ଙ୍କ ପରାମର୍ଶ ଦେବା ଯୋଗୁଁ ନଥିଲା ବରଂ ଅଲ୍ଲାହତାଲା ଐଶୀବାଣୀ ମାଧ୍ୟମରେ ନବୀଶିରୋମଣୀଙ୍କୁ ତାହାର ନିର୍ଦ୍ଦେଶ ଦେଇଥିଲେ । କାରଣ ଆରବୀମାନଙ୍କ ନିମନ୍ତେ ଏହି ଶୈଳୀ ସମ୍ପୂର୍ଣ୍ଣ ରୂପେ ନୂତନ ଥିଲା ।

ଏହି ପ୍ରସଙ୍ଗରେ ବର୍ଣ୍ଣନା ମିଳୁଅଛି ଯେ, ଯେତେବେଳେ ଅମାନ୍ୟକାରୀମାନେ ଉକ୍ତ ଗର୍ତ୍ତ ଅତିକ୍ରମ

କରିବାରେ ଅସମର୍ଥ୍ୟ ରହିଲେ । ସେତେବେଳେ ଅବୁ ସୁଫିୟାନ୍ ହୁଜୁର [ସ.ଅ]ଙ୍କୁ ଏକ ପତ୍ର ଲେଖିଥିଲା, ଯେଉଁଥିରେ ଲାତ୍ ଓ ଉଜ୍ଜା ଆଦିର ନାମ ନେଇ ଉଲ୍ଲେଖ କରିଥିଲା ଯେ, ଗର୍ତ୍ତ ଖନନ କରି ତୁମେମାନେ ଆମ ମୁକାବିଲା କରିବାରୁ ବିରତ ରହିବାକୁ ଚେଷ୍ଟା କରୁଛ । ଏହା ଉତ୍ତରରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଅବୁ ସୁଫିୟାନ୍‌କୁ ଲେଖିଥିଲେ, ତୁମ ପତ୍ର ମିଳିଲା । ମୁଁ ଜାଣେ ତୁମେ ସର୍ବଦା ଅଲ୍ଲାଃତାଲାଙ୍କ ବିରୁଦ୍ଧରେ ଗର୍ବ ଓ ଅହଂକାରରେ ପତିତ ରହିଛ ଏବଂ ଏ ଯେଉଁ ବିଶାଳ ସେନା ବାହିନୀ ସାଥିରେ ନେଇ ମଦିନା ଉପରେ ଆକ୍ରମଣ କରିବାର ଉଦ୍ୟମ କରିଛ ଏବଂ ଏପରି ତୁମେ ଆମ ଚିହ୍ନବର୍ଣ୍ଣ ମିଟେଇ ଦେବାର ସଙ୍କଳ୍ପ କରିଛ ତେବେ ଜାଣି ରଖ, ଏହା ଅଲ୍ଲାଃତାଲାଙ୍କ ଆଦେଶ ଯେ ସେ ତୁମର ଏହି କୁତ୍ସିତ ଯୋଜନା ମଧ୍ୟରେ ଦଣ୍ଡାୟମାନ ହୋଇଯାଇଛନ୍ତି ଏବଂ **ସେ ଏପରି ନିଷ୍ପତ୍ତି କରିଦେବେ ଯେ, ତୁମେ ଲାତ୍ ଓ ଉଜ୍ଜାର ନାମ ଭୁଲିଯିବ ।** ତୁମେ ପ୍ରଶ୍ନ କରିଛ ଯେ, ଗର୍ତ୍ତ ଖନନର ଏହି ସୂତ୍ର ମୋତେ କିଏ ବତାଇଲେ ତେବେ ଜାଣିନିଅ ଯେ, ଏହା ସେହି ପରାକ୍ରମୀ ପରମେଶ୍ୱର ମୋତେ ଐଶୀବାଣୀ ଯୋଗେ ବତାଇଛନ୍ତି । **ଶୁଣ ! ପରିଣାମ ସ୍ୱରୂପ ପ୍ରଭୁ ଆମକୁ ହିଁ କୃତକାର୍ଯ୍ୟ କରିବେ ।**

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମୁହମ୍ମଦ [ସ.ଅ]ଙ୍କର ଏହି ପତ୍ରରୁ ସ୍ପଷ୍ଟ ହେଉଛି ଯେ, ସମ୍ଭବତଃ ହଜରତ ସଲମାନ୍[ର.ଅ] ଏହି ରାଏ ଦେଇଥିବେ କିନ୍ତୁ ତଦନୁଯାୟୀ କାର୍ଯ୍ୟକାରୀ କରିବାର ନିଷ୍ପତ୍ତି ହୁଜୁର[ସ.ଅ] ଐଶୀବାଣୀ ଆଧାରରେ କରିଥିବେ ।

ଏହି ବ୍ୟାଖ୍ୟା ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ । ସେଥିଅନ୍ତେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ପାକିସ୍ତାନର ସଙ୍କଟାପର୍ଣ୍ଣ ପରିସ୍ଥିତି ସଂକ୍ରାନ୍ତରେ ଦୁଆ କରିବାକୁ ଆହ୍ୱାନ ଦେଇ କହିଲେ; ସମ୍ପ୍ରତି ପାକିସ୍ତାନର ଅହେମଦିମାନଙ୍କ ସକାଶେ ବିଶେଷ ଦୁଆ କରିବେ । ପାକିସ୍ତାନର ଅହେମଦିମାନେ ମଧ୍ୟ ନିଜ ପାଇଁ ଦୁଆ କରନ୍ତୁ ଏବଂ ଦାନଦକ୍ଷିଣା କରିବା ପ୍ରତି ମନୋଯୋଗ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ, ସମସ୍ତ ପ୍ରକାରର ବିରୁଦ୍ଧାଚରଣ ଓ ଖଳ ପ୍ରବୃତ୍ତ ଲୋକମାନଙ୍କ କବଳରୁ ସୁରକ୍ଷିତ ରଖନ୍ତୁ ତଥା ଦୁର୍ଜନ ଲୋକମାନଙ୍କ ଚକ୍ରାନ୍ତ ସେମାନଙ୍କ ଉପରକୁ ଫେରାଇ ଦିଅନ୍ତୁ । ସାଧାରଣ ଭାବରେ ଜଗତର ସର୍ବାଙ୍ଗୀଣ ଉନ୍ନତି ସକାଶେ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ସଂସାରବାସୀଙ୍କୁ ସମସ୍ତ ବିଶୃଙ୍ଖଳା ଓ ବିଦ୍ରୋହ ପୂର୍ଣ୍ଣ ଗତିବିଧିରୁ ସୁରକ୍ଷିତ ରଖନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ। ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
6th September 2024